## ସଂକ୍ଷେପରେ

### ସମ୍ବିଧାନ ପ୍ରସ୍ତାବନା ପାଠ

ଅନୁଗୋଳ ଅଫିସ, ୨୬।୧୧- ଅନୁଗୋଳ ଜିଲା କାର୍ଯ୍ୟାଳୟରେ ସୋମବାର ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କାର୍ଯ୍ୟାଳୟ ବାରଣ୍ଡାରେ ବାବା ସାହେବ ଡ. ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଭାରତୀୟ ସମ୍ବିଧାନ ପ୍ରସ୍ତାବନା ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### କନକ ଦୁର୍ଗାଙ୍କ ମୂର୍ତ୍ତି ଚୋରି



ବଣ୍ଟଁରପାଳ,୨୬।୧୧(ଡି.ଏନ.ଏ.)- ବଣ୍ଟଁରପାଳ ଥାନା ଅନ୍ତର୍ଗତ ତଳମୂଳଠାରେ ଥିବା ଭୋଳେଶ୍ୱର ଶିବ ମନ୍ଦିରରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କାର କନକ ଦୁର୍ଗାଙ୍କ ମୂର୍ତ୍ତି ଚୋରି ହୋଇଛି। ଏ ନେଇ ଗ୍ରାମ ସଭାପତି ନରେଶ ନାଥ ସୋମବାର ବଣ୍ଟଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି।

### ଆଇନ ସମାଜ ଗଠନର ମୁଖ୍ୟ ଅଙ୍ଗ

ଅନୁଗୋଳ ଅଫିସ, ୨୬।୧୧- ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ଅରବିନ୍ଦ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟ ଠାରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା ସଭାପତିତ୍ୱ କରିଥିବାବେଳେ ପ୍ରୋବେସନର ଶ୍ରୁତି ସ୍ୱରୂପା ସାହୁ, ଓକିଲ ସଂଘ ସଭାପତି ଦିଲୀପ ଦାସ, ପ୍ରାଧିକରଣ ସଦସ୍ୟ ପର୍ଶୁରାମ ଦାଶ, ପାରାଲିଗାଲ ସ୍ୱେଚ୍ଛାସେବୀ ଡାକ୍ତର ସତ୍ୟନାରାୟଣ ସିଂସାମନ୍ତ, ମହାବିଦ୍ୟାଳୟ ନିର୍ଦ୍ଦେଶକ ଏସ୍.କେ. ତ୍ରିପାଠୀ ଓ ଅଧକ୍ଷ ନାରାୟଣ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ରହି ଆଇନ ଶୃଙ୍ଖଳିତ ଜୀବନ ଓ ସମାଜ ଗଠନର ମୁଖ୍ୟ ଅଙ୍ଗ ବୋଲି ପ୍ରକାଶ କରିଥିଲେ।

### ମଦ ଦୋକାନ ଉଚ୍ଛେଦ ପାଇଁ ଦାବିପତ୍ର

ବଣ୍ଟଁରପାଳ,୨୬।୧୧ (ଡି.ଏନ.ଏ.)- ନାଲ୍‌କୋ ଥାନା ଗିରାଙ୍ଗ ଠାରେ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ମହିଳା ଗୋଷ୍ଠୀ ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ବାଲିସାହି ଠାରେ ଥିବା ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସେମାନେ ଦୀର୍ଘ ୯ ମାସ ହେଲା ଆନ୍ଦୋଳନ ଜାରି ରଖିଛନ୍ତି। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ମଦ ଦୋକାନ ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢ଼ୁଛି। ତେଣୁ ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ପ୍ରମିଳା ଗଡ଼ନାୟକ, ସରୋଜିନୀ ଗଡ଼ନାୟକ, ଆରତି ସାମଲ, ଭାରତୀ ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

### ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

କଣିହାଁ,୨୬।୧୧(ଡି.ଏନ.ଏ.)- କଣିହାଁ ବ୍ଲକ ରଙ୍ଗବେଡ଼ା ବାପୁଜୀ କ୍ଲବ ପଡ଼ିଆରେ ରବିବାର ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏନ୍‌ଟିପିସି ପ୍ରକଳ୍ପ ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏନ୍‌ଟିପିସି ପ୍ରକଳ୍ପ ପଦାଧିକାରୀ କେ. ଦାସ ଓ ଏ.କେ ଦାସ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଏବଂ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରକଳ୍ପର ସିଜିଏମ ସନ୍ତୋଷ ଜେମ୍ସ, ପଦାଧିକାରୀ ଏନ. ଆଚାର୍ଯ୍ୟ, ପି. କେ. ସାହୁ, ଏମ ଭି. ରାଓ, ପିଏମଜି ଶ୍ରୀନିବାସ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ରେଫରୀ ଓ କ୍ଲବ ସଦସ୍ୟ ନିରଞ୍ଜନ ନାୟକ, ବିଜୟ କୁମାର ବାଗ, ସୁଶୀଳ ବେହେରା, ଶୁଭେନ୍ଦୁ ପ୍ରଧାନ, ବିବି. ରଥ, ତପନେଶ୍ୱର ପ୍ରଧାନ, ରାମଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଘର, ଛତୁ ଭାଡି ଜଳିଗଲା

ଭୁବନ, ୨୬।୧୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗହମପୁର ଗ୍ରାମ ନୂଆସାହିର ପ୍ରଦୀପ ସାହୁଙ୍କ ଛତୁ ଭାଡି ସହ ଘର ସୋମବାର ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ଘଟଣା ସମୟରେ ପ୍ରଦୀପ ଘରେ ନ ଥିଲେ। ଖବରପାଇ ଭୁବନ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସବୁ ପ୍ରାୟ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ନାଲ୍‌କୋ, କାମାକ୍ଷାନଗର ଥାନା ହେଲା ଆଦର୍ଶ ଥାନା

# ‘ସମ୍ପର୍କ ରଖିଲେ ବିଶ୍ୱାସ ଜିଣିବ’



ନାଲ୍‌କୋ ଟାଉନଶିପ୍ ଥାନାକୁ ଆଦର୍ଶ ଥାନା ଭାବେ ଉଦ୍‌ଘାଟନ ଅବସରରେ ଏମ୍‌ପି, ବିଧାୟକ, ଜିଲାପାଳ, ଡିଆଇଜି, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ବଣ୍ଟଁରପାଳ,୨୬।୧୧ (ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍‌କୋ ଥାନାକୁ ଏକ ଆଦର୍ଶ ଥାନା ଭାବେ ଘୋଷଣା କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ତେବେ ନାଲ୍‌କୋ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଯୋଗଦେଇ ଆଦର୍ଶ ଥାନାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏମ୍‌ପି କହିଥିଲେ ଯେ, ଆଜିକାଲି ବହୁ ଯୁବ ପୋଲିସ ଅଫିସର ନିଷ୍ଠାର ସହ କାର୍ଯ୍ୟ କରି ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି। ହେଲେ କେତେଜଣ ଅଫିସର କ୍ଷମତା ପାଇଗଲେ ମାନସିକ ଭାରସାମ୍ୟ ହରାଇ ବସିବା ଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ପରିବର୍ତ୍ତନ ଆସିବା ଦରକାର। ଆମେ ନ୍ୟାୟକୁ ଭୟ କରୁନାହୁଁ। କିନ୍ତୁ ପୋଲିସକୁ ଭୟ କରୁଛୁ। କେବଳ ଓଡ଼ିଶା କାହିଁକି, ସମଗ୍ର ଭାରତବର୍ଷରେ ପୋଲିସକୁ ଦେଖି ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥାଏ। କିନ୍ତୁ ବିଦେଶରେ ପୋଲିସ ଲୋକଙ୍କ ପ୍ରତି ସୁରକ୍ଷାର ମନୋଭାବ ସୃଷ୍ଟି କରୁଛି। ତେଣୁ ଲୋକଙ୍କ ବିଶ୍ୱାସଭାଜନ ହେବା ଏବେ ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ପରିବର୍ତ୍ତନ ଅଣାଯିବା ଲାଗି ତଳସ୍ତରରୁ ଉଦ୍ୟମ କରାଯିବା ଆବଶ୍ୟକ। ବରିଷ୍ଠ ନାଗରିକମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏମାନଙ୍କ ସହ ସମ୍ପର୍କ ରଖିଲେ ପୋଲିସ ଲୋକମାନଙ୍କ ବିଶ୍ୱାସ ଜିତିପାରିବ। ଏଭଳି ଅନ୍ୟ କିଛି ଯୋଜନା ଚିନ୍ତା କରାଗଲେ କେବଳ ଥାନାରେ ସୀମିତ ନ ରହି ପୋଲିସ ଏକ ଆଦର୍ଶ ପୋଲିସ ହୋଇପାରନ୍ତା ବୋଲି ଏମ୍‌ପି ସତପଥୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ଏବେ ମଧ୍ୟ ଅନେକ ସମୟରେ ପୋଲିସ ଲୋକଙ୍କୁ ସହଯୋଗ କରୁ ନ ଥିବା କହିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଜିଲାପାଳ ଅନିଲ କୁମାର ସାମଲ, ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ସ୍ୱାଗତ ଭାଷଣ ଦେବା ସହ ଅନେକ ସମୟରେ କ୍ଷମତାର ଦୁରୁପଯୋଗ ହେଉ ଥିବାରୁ ଏହା ନ କରିବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡ଼ା ବିଧାୟକ ମହେଶ ସାହୁ, ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ, ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର, ଏସ୍‌ଡିପିଓ ହରିହର ପାଣି, ଆଇଆଇସି ଗୀତାଞ୍ଜଳି ସାହୁ, ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ଜିଲା ପରିଷଦ ସଭ୍ୟ ସନ୍ତୋଷ ଦାସଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବରିଷ୍ଠ ନାଗରିକମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ, ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

### ଓଡ଼ିଶା ପାଇଁ ଆଦର୍ଶ ହେଉ: ମନ୍ତ୍ରୀ

କାମାକ୍ଷାନଗର,୨୬।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାକୁ ଆଦର୍ଶ ଥାନା ଭାବେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥାନା ପରିସରରେ ନୂତନ ଭାବେ ସ୍ଥାପିତ ଗଣେଶ ବିଗ୍ରହକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, କେବଳ ଆଦର୍ଶ ଥାନା ମାନ୍ୟତା ପାଇଗଲେ ହେବ ନାହିଁ, ଏହି ଅଞ୍ଚଳରେ ହତ୍ୟା, ବଳାତ୍କାର, ଲୁଟ୍ ଆଦି ଆପରାଧିକ ମାମଲା କମେଇ ପାରିଲେ ପ୍ରକୃତରେ ଏହା ଓଡ଼ିଶାର ଆଦର୍ଶ ହୋଇପାରିବ। ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ନିଖିଳ ପବନ କଲ୍ୟାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସୁଧାଂଶୁ ମହାନ୍ତି, ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପରଜଙ୍ଗ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡା, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲିକ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ବେହେରା, ବିନୟକୃଷ୍ଣ କାମିଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାମାକ୍ଷାନଗର ଏସ୍‌ଡିପିଓ ସୁପ୍ରସନ୍ନ ମଲିକ ଧନ୍ୟବାଦ ଦେଇଥିବା ବେଳେ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ଥାନା ଅଧିକାରୀ, ଲୋକ ପ୍ରତିନିଧି, ବରିଷ୍ଠ ନାଗରିକ, ଆମ ପୋଲିସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ସହର ହେମସୁରପଡ଼ା ସ୍ଥିତ ସୁଇପର କଲୋନୀ, ଶକ୍ତି ବିହାର, ହରିଜନ ସାହି ନିକଟରେ ପୌର ପାଳିକା ପକ୍ଷରୁ ନିର୍ମାଣାଧୀନ ଶ୍ମଶାନକୁ ବିରୋଧ କରି ସାହିର ମହିଳାମାନେ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

## ବିଧାନଚନ୍ଦ୍ର ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ

ଢେଙ୍କାନାଳ ଅଫିସ, ୨୬।୧୧



ଶିକ୍ଷାବିତ୍ ବିଧାନଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି।

ଢେଙ୍କାନାଳର ବରିଷ୍ଠ ଶିକ୍ଷାବିତ, ସାହିତ୍ୟିକ ତଥା ଆଇନଜୀବୀ ଡ. ବିଧାନଚନ୍ଦ୍ର ମିଶ୍ରଙ୍କ ୭୩ତମ ଜୟନ୍ତୀ ସଦର ବ୍ଲକ କଣ୍ଟେଇକୋଳିଆସ୍ଥିତ କଳ୍ପତରୁ ଆଶ୍ରମରେ ସୋମବାର ପାଳିତ ହୋଇଯାଇଛି। ବ୍ରଜନାଥ ସାହିତ୍ୟ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ମୁକ୍ତାଦେଇପୁର ମହାଜନ ମହାସଭାର ସଭାପତି ଶଶିମୌଳି ରଥ, ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ବିଶ୍ୱନାଥ ବେହେରା, ବିଧାନଚନ୍ଦ୍ର ମିଶ୍ର ସ୍ମୃତି ସଂସଦର ଉପସଭାପତି ସୁକାନ୍ତ କୁମାର ମିଶ୍ର, ବିମଳକୃଷ୍ଣ ଥମ୍ମ, ସହ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଅଥୟ କୁମାର ସାହୁ, ଆଇନଜୀବୀ ଗୋପାଳଚନ୍ଦ୍ର ପାତ୍ର, ବିନୋଦ ମହାନ୍ତି, ଅରବିନ୍ଦ ସାହୁ, ନୃସିଂହ ଚରଣ ବେହେରା, ଅମାନୀ ସାହୁ, ଶ୍ରୀନିବାସ ଦାସ, ବାବୁଲି ଦାସ ପ୍ରମୁଖ ଯୋଗଦେଇ ବିଧାନଚନ୍ଦ୍ର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଜିଲାର ଅନେକ ସମସ୍ୟା ସମାଧାନ ପାଇଁ ସେ ଆନ୍ଦୋଳନରେ ଆଗଧାଡିରେ ରହୁଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ଦେବାଶିଷ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଦେବକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ମୁକ୍ତାଦେଇପୁର ଶାସନଠାରେ ସୋମନାଥଶ୍ୱରଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା।

## ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ ହେଉ



ବଇଣ୍ଡା,୨୬।୧୧(ଡି.ଏନ.ଏ.)

ଏବେ ବି ଅନେକ ଗ୍ରାମାଞ୍ଚଳରେ ୧୮ରୁ କମ୍ ବର୍ଷର ଝିଅଙ୍କୁ ବିବାହ କରାଇଦିଆଯାଉଥିବା ଘଟଣା ନଜରକୁ ଆସୁଛି। ସରକାରଙ୍କ ପକ୍ଷରୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ପରିବାର ଲୋକେ ସେମାନଙ୍କ ନାବାଳିକା କନ୍ୟାଙ୍କ ବିବାହ କରାଉଛନ୍ତି। ଫଳରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ତେଣୁ ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ବୋଲି ସୋମବାର କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡାଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ବାଲ୍ୟ ବିବାହ ବନ୍ଦ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କର୍ମକର୍ତ୍ତାମାନେ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି କୁମର ସାହୁ, ସମ୍ମାନିତ ଅତିଥି ୱାର୍ଡମେମ୍ବର ଦେବରାଜ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପ୍ରଧାନ, ସଦାନନ୍ଦ ପ୍ରଧାନ, ଜଗତମୋହନ ମିଶ୍ର, ମନୋରଞ୍ଜନ ପ୍ରଧାନ, ଶଙ୍କର ଦାସ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଣ୍ଟଁରପାଳ, ୨୬।୧୧(ଡି.ଏନ.ଏ.)

ନାଲ୍‌କୋ ଷ୍ଟାଡିୟମଠାରେ ନାଲ୍‌କୋ ଆନ୍ତଃ ବିଭାଗୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ମେଲଟର ଓ ସିପିପିର ବିଭିନ୍ନ ବିଭାଗରୁ ୬ଟି ଟିମ ଅଂଶଗ୍ରହଣ କରିଛନ୍ତି। ସୋମବାର ଅପରାହ୍ନରେ ପ୍ରଥମ ମ୍ୟାଚ ପଟଲାଇନ ଓ ସର୍ଭିସେସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସର୍ଭିସେସ ଟିମ ୫-୦ ଗୋଲରେ ବିଜୟୀ ହୋଇଛି। ଏଥିରେ ନାଲ୍‌କୋ ମାନବ ସମ୍ବଳ ବିଭାଗ ଡିଜିଏମ ଏସ୍. ଏସ୍. ପଣ୍ଡା ମୁଖ୍ୟଅତିଥି, ଅନ୍ୟତମ ଅତିଥି ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର ଯୋଗ ଦେଇଥିଲେ। ସ୍ପୋର୍ଟ୍ସ ସେଲର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦିଅନ୍ତୁ ଶିକ୍ଷକ

କାମାକ୍ଷାନଗର, ୨୬।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ କାମାକ୍ଷାନଗର ଶାଖାର ସାଙ୍ଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନୃସିଂହଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘର ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱଆରୋପ କରିଥିଲେ। ଏଥି ସହ ପ୍ରତ୍ୟେକ ବିଦ୍ୟାଳୟରେ କିପରି ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦିଆଯାଇପାରିବ ସେଥି ପ୍ରତି ଶିକ୍ଷକମାନେ ଯତ୍ନବାନ ହେବା ଜରୁରୀ ବୋଲି ମଲ୍ଲିକ ପ୍ରକାଶ କରିଥିଲେ। ଆଗାମୀ ମାଟ୍ରିକ ପରୀକ୍ଷାରେ ସଫଳତା ହାର୍ ଅଧିକ ଆଣିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସଂଘ ସଭାପତି ଅମରିଶ ଶତପଥୀ, ଉପସଭାପତି ପ୍ରଶାନ୍ତ ଧଳ, ସମ୍ପାଦକ ଅକ୍ଷୟ କୁମାର ସାହୁ, ରାଜ୍ୟ କାର୍ଯ୍ୟକରିଣୀ ସଭ୍ୟ ଶ୍ରୀରାମ ରାଉତ, ପରଜଙ୍ଗର ତ୍ରିନାଥ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ବିଭୂତି ସାମଲ ଓ ପୀତାମ୍ବର ଦାସ, କଙ୍କଡ଼ାହାଡ଼ର ଅମରେନ୍ଦ୍ର ନନ୍ଦ, ବରିଷ୍ଠ ଶିକ୍ଷକ କୈଳାସ ପୃଷ୍ଟି, ଲୋକନାଥ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ

ଛେଣ୍ଡିପଦା,୨୬।୧୧(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ କୋଶଳା ସରକାରୀ ହାଇସ୍କୁଲ ପରିସରରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧକ୍ଷା ବାସନ୍ତୀ କିଷାନ, ମୁଖ୍ୟବକ୍ତା ଜିଲାପରିଷଦ ସଭ୍ୟ ଭାସ୍କର ସାହୁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ସରପଞ୍ଚ ବିଳାସ ସାହୁ, ସମିତିସଭ୍ୟା ସୁଷମା ରାଉଳ, ସ୍କୁଲ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ପ୍ରଧାନ, ଖବରଦାତା ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୬୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ନାଥ ବେହେରା, ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଜିତ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ରୋଜାଲିନ ଗଡନାୟକଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ବ୍ରାହ୍ମଣବିଲ ଜଙ୍ଗଲରେ ନରହନ୍ତା ଦନ୍ତା

**ଛେଣ୍ଡିପଦା, ୨୬।୧୧ (ଡି.ଏନ.ଏ.):** ଛେଣ୍ଡିପଦା ଫରେଷ୍ଟ ରେଞ୍ଜ ବ୍ରାହ୍ମଣବିଲ ଗ୍ରାମ ନିକଟସ୍ଥ ରିଜର୍ଭ ଫରେଷ୍ଟରେ ସୋମବାର ସନ୍ଧ୍ୟା ସୁଦ୍ଧା ନରହନ୍ତା ଦନ୍ତା ହାତୀ ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ଆଖପାଖ ଅଞ୍ଚଳରେ ଧାନ ଫସଲ ସହ କଦଳୀ ଗଛ, ପନିପରିବା ଆଦି ଖାଇ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଦନ୍ତା ଚାଙ୍ଗୁଡ଼ିଆ, ବଡବେରେଣା, କଙ୍କୁରପାଳ, ଡାହିବର, ବାହାଲସାହି, କମ୍ପସଲା, ଛେଣ୍ଡିପଦା ଜଙ୍ଗଲ, କୁକୁରପେଟା, କରଡାବାହାଲ, ହରିଡାଗୋଡ଼, ହାଣ୍ଡିଗୋଡା, ଜାମୁନାଳୀ, ବସନପୁର, ଡେଉରିଆଝରଣ, ବାଲିପଟା, କୋଶଳା ଆଦି ଅଞ୍ଚଳରେ ବିଚରଣ କରୁଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ସେହିପରି ଅନ୍ୟ ୧୩ଟି ହାତୀ କଣଲୋଇ ଜଙ୍ଗଲ ଇଲାକା ମଧ୍ୟରେ ଚଳପ୍ରଚଳ କରୁଛନ୍ତି। ତୁରନ୍ତ ହାତୀପଲକୁ ଘଉଡାଇବା ପାଇଁ ଦାବି ହୋଇଛି।

### ସଙ୍ଗଠନ ମଜଭୁତ୍ କରିବାକୁ ଆହ୍ୱାନ

**ଛେଣ୍ଡିପଦା,୨୬।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପବିତ୍ରମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ ଉପ ସଭାପତି ସସ୍ମିତା ବେହେରା, ପୂର୍ବତନ ସରପଞ୍ଚ ରତ୍ନାକର ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟ ପଦ୍ମଚରଣ ମାଝୀ, ପୂର୍ବତନ ସରପଞ୍ଚ ଅନନ୍ତ ମାଝି ପ୍ରମୁଖ ଯୋଗଦେଇ ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ କଂଗ୍ରେସ ସଭାନେତ୍ରୀ ଶୋଭାଗିନୀ ପଟ୍ଟନାୟକ, ମୋତିଲାଲ ମାଝି, ଶରତ ପ୍ରଧାନ, ବିପିନି ପାତ୍ର, ବାସୁଦେବ ସାହୁ, ରୋହିତ ରାଉଳ, ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ବେଆଇନ ଗଛ କଟା: ୭ ଗିରଫ

**ବଇଣ୍ଡା,୨୬।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଖୋଲାରେଗେଡ଼ା ଜଙ୍ଗଲରୁ ବେଆଇନ ଭାବେ ଗଛ କାଟୁଥିବାବେଳେ ହଣ୍ଡପା ବନ ବିଭାଗ ଚଢ଼ାଉ କରି ରବିବାର ୭ ଜଣଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ହଣ୍ଡପା ଥାନା ନୂଆ ବାଲିଖମଣ ଗ୍ରାମର କନ୍ଦର୍ପ ପ୍ରଧାନ, ସୋଲଣ୍ଡା ଗ୍ରାମର କୁଳମଣି ପ୍ରଧାନ, ମହାଦେବ ପ୍ରଧାନ, ମାଧବ ପ୍ରଧାନ, ନୁନୁକାପଶି ଗ୍ରାମର ଗଣେଶ୍ୱର ବେହେରା, ତାଳପକା ଗ୍ରାମର ଦୁର୍ଯ୍ୟୋଧନ ମୁଣ୍ଡା, ରୋହିତ ମୁଣ୍ଡା। ବିଭାଗ କହିଛି, ୭ ଜଣ ରବିବାର ଗଛ କାଟୁଥିବାବେଳେ ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ଦିପ୍ତୀରଞ୍ଜନ ବିଶ୍ୱାଳ, ଓ୍ୱାଚର ଅଗସ୍ତି ବିଶ୍ୱାଳ, ଗଜେନ୍ଦ୍ର ବେହେରା, ମହାବାହୁ ଛତ୍ରିୟା, ପ୍ରକାଶ ବାଘ ପ୍ରମୁଖ ଚଢ଼ାଉ କରିଥିଲେ।

### ରୋଟାରୀ ପବ୍ଲିକ ସ୍କୁଲକୁ ୩ ସ୍ୱର୍ଣ୍ଣ ପଦକ

**ଅନୁଗୋଳ ଅଫିସ, ୨୬।୧୧:** ପୁରୀ ଜିଲା ସ୍କୁଲ ଠାରେ ଅନୁଷ୍ଠିତ ୬୪ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳ ଜିଲାକୁ ସଫଳତା ମିଳିଛି। ଏଥିରେ ଜିଲାରୁ ୭ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ରୋଟାରୀ ପବ୍ଲିକ ସ୍କୁଲର ବାଳିକା ବିଭାଗରେ ରିଦ୍ଧି ଅଗ୍ରୱାଲା, ଲୋପାମୁଦ୍ରା ସାହୁ ଓ ବାଳକ ବିଭାଗରେ ସମ୍ପିତ ସ୍ୱରୂପ ପତି ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏହି ସଫଳତା ପାଇଁ ରୋଟାରୀ ପବ୍ଲିକ ସ୍କୁଲର ଚେୟାରମ୍ୟାନ ନିଖିଲ ରଞ୍ଜନ ମିଶ୍ର ଓ ଅଧ୍ୟକ୍ଷ ସୁରେଶ କୁମାର ନାୟକ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷକ ଦୁଷ୍ମନ୍ତ କୁମାର ନାଥଙ୍କ ନେତୃତ୍ୱରେ ପୁରୀ ଗସ୍ତ କରିଥିଲେ।

### ୫୩ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ, ୨୬।୧୧:** ଖୃଣ୍ଡା ପଞ୍ଚାୟତ ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଜନତା ଉଚ୍ଚ ବିଦ୍ୟାଳୟ ଗଡ଼ତରାଶ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜୀବନବିନ୍ଦୁ ଜିଲା ସଂଯୋଜକ ଶକ୍ତିପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୫୩ ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା। ତାଳଚେର ରକ୍ତ ଭଣ୍ଡାର ଡାକ୍ତର ସ୍ୱାତୀ ଶ୍ରୀବାସ୍ତବ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜ୍ଞାନଚାନ୍ଦ ଦେହୁରୀ, ଧୀରେନ କୁମାର ସାହୁ, ରସାନନ୍ଦ ସାହୁ, ପ୍ରକାଶ ସାହୁ, ଚେମାର ରାଉଳ, ଚନ୍ଦନ କୁମାର ସାହୁ, ଚିକୁନ ରାଉଳ, ଦିପୁ ରାଉଳ, ଚିକୁନ ବେହେରା, ଟୁକୁନା ସାହୁ, ଲାଲୁ ପ୍ରଧାନ, ନିପନ ସାହୁ, କାମଦେବ ଦେହୁରୀ ଓ ସାମାଜିକ କର୍ମୀ କ୍ଷୀରୋଦ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

■୪ର୍ଥ ସ୍ୱରାଜ ଗ୍ରାମୋଦ୍ୟୋଗ ହାଟ ଉଦ୍‌ଯାପିତ

# ଗାଁ ବିଲୋପ ହେଲେ ଦେଶ ବିଲୋପ ହୋଇଯିବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୨୬।୧୧**

ଅନୁଗୋଳ ହାଇସ୍କୁଲ ପଡିଆରେ ୧୨ଦିନ ଧରି ଚାଲିଥିବା ସ୍ୱରାଜ ଗ୍ରାମୋଦ୍ୟୋଗ ହାଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଓ କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅରୁନ୍ଧତି ଦେବୀ, ପର୍ଶୁରାମ ଦାଶ ଓ ସୂର୍ଯ୍ୟନାରାୟଣ ନାଥ ଯୋଗ ଦେଇଥିଲେ। ହାଟରେ ଥିବା ଶଗଡକୁ ଆଗାମୀ ବର୍ଷ ଯେପରି ଖୋଜିବାକୁ ନ ପଡେ ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଇଁ ହାଟରେ ହୋଇଥିବା ଫଟୋ ପ୍ରଦର୍ଶନୀ ଓ ବାପୁ କୁଟୀର ଲୋକଙ୍କ ମନ କିଣିଥିବା ଜିଲା ସଂସ୍କୃତି ଓ କ୍ରୀଡ଼ା ଅଧିକାରୀ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଅରୁନ୍ଧତି ଦେବୀ ଗାଁ ବିଲୋପ ହେଲେ ଦେଶ ବିଲୋପ ହେବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଗୋଳରେ ଏହି କାର୍ଯ୍ୟକ୍ରମ ପାଇଁ ସଂଯୋଜକ ଆଦ୍ୟଶ୍ଲୋକ ମିଶ୍ରଙ୍କୁ ସମସ୍ତ ଅତିଥି ସାଧୁବାଦ ଜଣାଇଥିଲେ। ହାଟ ସଦସ୍ୟ ନିରୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟିତ

**ତାଳଚେର,୨୬।୧୧(ନି.ପ୍ର.)**

ତାଳଚେର ବ୍ଲକ ହାଣ୍ଡିଧୂଆଁ ହାଇସ୍କୁଲ ପରିସରରେ ଦୁଇଦିନିଆ ବ୍ଲକସ୍ତରୀୟ ବିଜ୍ଞାନମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଦ୍ୱୈତପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ଅରୁଣବାଳା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୦୮ ଗୋଟି ( ୮୧ ପ୍ରାଇମେରୀ ସ୍କୁଲ ଓ ୨୭ ହାଇସ୍କୁଲ) ପ୍ରକଳ୍ପ ସ୍ଥାନ ପାଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ସହକାରୀ ପ୍ରଧାନ ଶିକ୍ଷକ କିଶୋର କର ବିଜ୍ଞାନ ମେଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଦୀପକ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଲିଲିମା ଭୁକ୍ତା ଧନ୍ୟବାଦ ପ୍ରଦାନ କରିଥିଲେ।

## ଟାଉନ୍‌ହଲରେ ସମ୍ବିଧାନ ଦିବସ



ଭୂମିହୀନ ପ୍ରଜା ସଂଘ ପକ୍ଷରୁ ସମ୍ବିଧାନ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୬।୧୧**

ଢେଙ୍କାନାଳ ଜିଲା ଭୂମିହୀନ ପ୍ରଜା ସଂଘ ପକ୍ଷରୁ ସୋମବାର ଗୋପବନ୍ଧୁ ଟାଉନ୍‌ହଲଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭାପତି ରୁଦ୍ରାକ୍ଷ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀକାନ୍ତ କୁମାର ଧଳ, ପୂର୍ବତନ ନଗରପାଳ କୁନ୍ତଳା କୁମାରୀ ଦଳେଇ, ଅବିନାଶୀ ଜେନା, ସାଗିର ମହମ୍ମଦ, ପ୍ରଶାନ୍ତ ଜେନା, ଚିତ୍ରସେନ ନାୟକ, ଦେବାଶିଷ ମିଶ୍ର, ଟଙ୍କଧର ବେହେରା, ସାଇଶ୍ରୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ବୁଲୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ପୁରୀକୁ ହରାଇ ଢେଙ୍କାନାଳ ବିଜୟୀ

**ଢେଙ୍କାନାଳ ଅଫିସ,୨୬।୧୧**

ପ୍ରାଣନାଥ କଲେଜ ଖୋର୍ଦ୍ଧାଠାରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ପ୍ରତିଯୋଗିତାର ଶନିବାର ଫାଇନାଲ ମ୍ୟାଚରେ ପୁରୀକୁ ହରାଇ ଢେଙ୍କାନାଳ କଲେଜ ବିଜୟୀ ହୋଇଛି। ଏସ୍‌ସିଏସ୍ କଲେଜ ପୁରୀ ପ୍ରଥମେ ୧୭୭ରନ କରିଥିଲା। ଜବାବରେ ଢେଙ୍କାନାଳ ୧୭୮ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସିରାଜ ବକ୍ସ ୭୫ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୫୪ ରନ୍ କରିଥିଲେ। ସୂର୍ଯ୍ୟରୋଶନ ଓ ସୁଭେନ୍ଦୁ ବେହେରା ୩ଟି ଲେଖାଏଁ ୱିକେଟ ନେଇଥିଲେ। ଢେଙ୍କାନାଳ କଲେଜ ଅଧ୍ୟକ୍ଷା ରଶ୍ମୀ ମିଶ୍ର, ଅଧ୍ୟାପିକା ଅଧ୍ୟାପକମାନେ ବିଜୟୀ ଦଳକୁ ସମ୍ବର୍ଦ୍ଧିତ କରିଥିଲେ।

## ୮୦ ଅଭିଯୋଗର ଶୁଣାଣି

**ତାଳଚେର, ୨୬।୧୧(ନି.ପ୍ର.)**

ସ୍ଥାନୀୟ ସଭାଘରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ କ୍ଷତିଗ୍ରସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, ବିଜୁପକ୍କା ଘର, ଭତ୍ତା ପ୍ରଦାନ, ପରିବେଶ ପ୍ରଦୂଷଣ, ଭୂମିହୀନମାନଙ୍କୁ ଘରଡିହ ପ୍ରଦାନ ସମେତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅତୂଲ୍ୟ ଚମ୍ପତିରାୟ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ତହସିଲଦାର ସାଫଲ୍ୟମଣ୍ଡିତ ପ୍ରଧାନ, ବିଡିଓ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ୭ଟି ସାମୂହିକ ଓ ୭୩ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ହୃଦ୍‌ରୋଗରେ ପୀଡିତ ସଞ୍ଜୀବ ଭୂତିଆଙ୍କ ଝିଅର ଚିକିତ୍ସା ନିମନ୍ତେ ରେଡକ୍ରସ ପାଣ୍ଠିରୁ ୧୦ ହଜାର, ବଜ୍ରକୋଟ ଗ୍ରାମର ଅଲି ନାଏକଙ୍କୁ ଚିକିତ୍ସା ନିମନ୍ତେ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଧିକାର, ଆଇନ ଜାଣିଲେ ଛାତ୍ରୀଛାତ୍ର



ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୬।୧୧**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୋମବାର ଆଇନ ଦିବସ ପାଳିତ ହୋଇଯାଇଛି । ଢେଙ୍କାନାଳ ଆଇନ ମହାବିଦ୍ୟାଳୟ ପରିସରରେ ଏହି ଦିବସ ପାଳନ ଉପଲକ୍ଷେ ଭାରତୀୟ ସମ୍ବିଧାନରେ ଆଇନ ସେବାର ଅଧିକାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ତାରା ପ୍ରସାଦ ରଥ ଆଲୋଚନାଚକ୍ର ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ଭାରତୀୟ ସମ୍ବିଧାନ ଅନୁଯାୟୀ ଅଧିକାର ଓ ଆଇନ୍ ଉପରେ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ଭାବେ ଜଣାଇଥିଲେ। ରେଜିଷ୍ଟ୍ରାର ସଞ୍ଜୀବ କୁମାର ବେହେରା, ବରିଷ୍ଠ ଦେୱାନୀ ବିଚାରପତି ଅଞ୍ଜନା ସ୍ୱାଇଁ, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ଅଦାଲତ) ଗୀତାଞ୍ଜଳି ନନ୍ଦ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶିବାନୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେଖାରାଣୀ ନାୟକ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିବେକ ସାସ୍‌ମଲ ଓ ସୋନାଲି ଅପରାଜିତା, ଅବସରପ୍ରାପ୍ତ ଅଧ୍ୟାପକ ଶିଶିର ପ୍ରଧାନ, ଆଇନ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ମହାପାତ୍ର, ଆଇନଜୀବୀ ଦୀପ୍ତିଶ କୁମାର ପଟ୍ଟନାୟକ, ଜିଲା ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଜିଲା ଓକିଲ ସଂଘର ସଦସ୍ୟାସଦସ୍ୟ, ପ୍ରାଧିକରଣର ପ୍ୟାନେଲ ଲୟର, ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ସୁଲକ୍ଷଣାଦେବୀ ମହିଳା ଉଚ୍ଚ ବିଦ୍ୟାଳୟ ଓ ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଅଭିଯୁକ୍ତ ଗିରଫ

**କଣିହାଁ,୨୬।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଆଇଆଇସି ସରୋଜ କାନ୍ତ ସାମଲ କହିଛନ୍ତି, ୬ ମାସ ପୂର୍ବରୁ ଓଳନ୍ଦା-ଶୁଆଝରୀ ଗ୍ରାମକୁ ଯାତାୟାତ ପାଇଁ ନାଳରେ ପୋଲ ନିର୍ମାଣ କାର୍ଯ୍ୟରେ ଗଣ୍ଡଗୋଳ ହୋଇଥିଲା। ଶୁଆଝରୀର ମାଝି ପ୍ରଧାନଙ୍କ ଆକ୍ରମଣରେ ଦେବଗଡ଼ ଜିଲା ବୁଢାପାଳ ଗ୍ରାମର ଶ୍ରମିକ ଜଗତରଥ ପଦଲୀ ଗୁରୁତର ହୋଇଥିଲେ। ନଂ. ୪୬/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣାରେ ମାଝିଙ୍କୁ ଗିରଫ କରାଯାଇଛି।

## କ୍ରିୟାଯୋଗ ଗୀତା ପ୍ରବଚନ ଆରମ୍ଭ



କ୍ରିୟାଯୋଗ ଗୀତା ପ୍ରବଚନ।

**ଢେଙ୍କାନାଳ ଅଫିସ,୨୬।୧୧**

ଢେଙ୍କାନାଳ କ୍ରିୟାଯୋଗ ଧ୍ୟାନକେନ୍ଦ୍ର ପକ୍ଷରୁ ସୋମବାରଠାରୁ ସ୍ଥାନୀୟ କୁଞ୍ଜକାନ୍ତ ସୁରପ୍ରତାପ ସ୍ମୃତି ପଡିଆଠାରେ ଗୀତା ପ୍ରବଚନ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ସୋମବାର ଏହି କାର୍ଯ୍ୟକ୍ରମକୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ଉଦ୍‌ଘାଟନ କରିବା ସହ ଗୀତାତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଭଗବତ ଗୀତା ଏକ ଅପୂର୍ବ ଜୀବନ ଦର୍ଶନ। ଶ୍ୱାସ ମାଧ୍ୟମରେ ମନ ସଂଯୋଗ କରି ସମସ୍ତ ଇଚ୍ଛା ସହିତ ଏକାକାର କରିବା କ୍ରିୟାଯୋଗର ଶିକ୍ଷା । ଏହାର ଅଭ୍ୟାସ ଜୀବନରେ ସଫଳତା ଆଣିଥାଏ ବୋଲି ପରମହଂସ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ସମେତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମଙ୍ଗଳବାର ମହାବୀର ବଜାର ମମତା ମଣ୍ଡପଠାରେ ସକାଳ ୮ଟାରେ କ୍ରିୟାଯୋଗ ସାଧନା ଓ ଦୀକ୍ଷା କାର୍ଯ୍ୟକ୍ରମ, ମଧ୍ୟାହ୍ନ ୧୨ଟାରୁ ଦିନ ୧ଟା ଯାଏ କୁଞ୍ଜକାନ୍ତ ଚନ୍ଦ୍ରଶେଖର ଆଇଟିଆଇ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ, ବୁଧବାର ପୂର୍ବାହ୍ନ ୧୦ରେ ଯୋରନ୍ଦାସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ପ୍ରବଚନ ଅନୁଷ୍ଠିତ ହେବ।

■ବାଣ ପକାଇ ହତ୍ୟା ଉଦ୍ୟମ ମାମଲା

## ମାସେ ପରେ ବି ଗିରଫ ହେଲେନି ଅଭିଯୁକ୍ତ

**ଓଡାପଡା,୨୬।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସଦର ଥାନା ସାଇଁବିରି ଗ୍ରାମର ପ୍ରହ୍ଲାଦ ସାହୁଙ୍କୁ ବାଣ ପକାଇ ହତ୍ୟା ଉଦ୍ୟମ ମାମଲାର ଏକମାସ ପରେ ବି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏ ନେଇ ପ୍ରହ୍ଲାଦ ସୋମବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରହ୍ଲାଦ ଚେତାବନୀ ଦେଇଛନ୍ତି।

ଉଲ୍ଲେଖ୍ୟଯୋଗ୍ୟ, ଗତ ଅକ୍ଟୋବର ୨୦ ସନ୍ଧ୍ୟା ସାଢେ ୬ଟାରେ ଦୁର୍ଗାପୂଜା ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ସାଇଁବିରି ଗ୍ରାମର ଦେବୀ ପ୍ରସାଦ ରାଉତ, ସୁରେଶ ରାଉତ ଓ ରିତେଶ ଜେନା ପ୍ରମୁଖ ପ୍ରହ୍ଲାଦଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଘର ଉପରକୁ ଏକ ହାବେଳି ବାଣ ଫୋପାଡିଥିଲେ । ଉକ୍ତ ବାଣ ମୁହଁର ବାମପଟେ ବାଜି ଫୁଟିଯିବା ଫଳରେ ତାଙ୍କ ଆଖି, ନାକ ଓ ଦାନ୍ତ ମାଢିରେ ଗୁରୁତର ଆଘାତ ଲାଗିଥିଲା। ଉକ୍ତ ଘଟଣା ପରେ ସେ ଏକ ପ୍ରକାର ବିକଳାଙ୍ଗ ହୋଇପଡିଛନ୍ତି। ଏହି ଘଟଣା ପଛରେ ଅକ୍ଷୟ କୁମାର ସାହୁ, ସୁରେନ୍ଦ୍ର କୁମାର ଜେନା, ରମେଶ ସାହୁ, ରମେଶ ରାଉଳ, ସାରଙ୍ଗ ରାଉତ ପ୍ରମୁଖଙ୍କ ଷଡଯନ୍ତ୍ର ରହିଥିବା ପ୍ରହ୍ଲାଦ ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ଅଭିଯୋଗ କରିବାର ଏକ ମାସରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନ ଥିବାରୁ ସାଇଁବିରି ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବେ ବୋଲି ପ୍ରହ୍ଲାଦ ଚେତାବନୀ ଦେଇଛନ୍ତି।

■ଆଇନଜୀବୀଙ୍କୁ ଦୁର୍ବ୍ୟବହାର ମାମଲା

## କ୍ଷମା ପ୍ରାର୍ଥନା ଦାବି କଲା ଓକିଲ ସଂଘ

**ଢେଙ୍କାନାଳ ଅଫିସ,୨୬।୧୧**

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଟ୍ରେଜେରୀ କାର୍ଯ୍ୟାଳୟର ଜଣେ ଅଧିକାରୀ ଗତ ୨୨ ତାରିଖରେ ଆଇନଜୀବୀ ଦ୍ୱିତୀକୃଷ୍ଣ ବରାଳଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ମାମଲାରେ କ୍ଷମା ପ୍ରାର୍ଥନା ଦାବି କରିଛି ଜିଲା ଓକିଲ ସଂଘ। ସମ୍ପୃକ୍ତ ଅଧିକାରୀ ତୁରନ୍ତ ବରାଳଙ୍କୁ କ୍ଷମା ମାଗିବାକୁ ସଂଘ ଦାବି କରିଥିବା ସଭାପତି ଶିବସାଇ ମହାପାତ୍ର ଜଣାଇଛନ୍ତି। ଏ ପ୍ରସଙ୍ଗରେ ପୂର୍ବରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

## ଅସହାୟଙ୍କୁ ପଢ଼ା ସାମଗ୍ରୀ ବଣ୍ଟନ



ଆଦୃତା ଶିଶୁ ଗୃହରେ ଟାଏକୋଣ୍ଡୋ ଆସୋସିଏଶନର ସଦସ୍ୟମାନେ।

**ଢେଙ୍କାନାଳ ଅଫିସ,୨୬।୧୧**

ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ରବିବାର ଜୁବୁଲିଟାଉନସ୍ଥିତ ଆଦୃତା ଶିଶୁ ଗୃହରେ ପିଲାମାନଙ୍କୁ ଖାତା, ପେନ୍‌ସିଲ ଆଦି ପାଠ୍ୟ ଉପକରଣ ସହ ଖାଦ୍ୟ ବଣ୍ଟନ କରାଯାଇଛି। ଅତିଥି ଭାବେ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ଡ. ଶାନ୍ତିଭୂଷଣ ପଣ୍ଡା, କୈଳାସ ଚନ୍ଦ୍ର ବେହେରା, ଟାଏକୋଣ୍ଡୋ ସଦସ୍ୟ ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ, ଶୁଭଲକ୍ଷ୍ମୀ ପଣ୍ଡା, ସରସ୍ୱତୀ ସୁବୁଦ୍ଧି ପିଲାମାନଙ୍କ ସହିତ ମିଶିଥିଲେ । ଅନୁଷ୍ଠାନର ସମ୍ପାଦକ ଇଂ ସୌମ୍ୟବ୍ରତ ସାହୁ ଆଗାମୀ ଦିନରେ ଓଡ଼ିଶାର ସମସ୍ତ ଅନାଥ ଆଶ୍ରମ ଓ ଗରିବ ପିଲାମାନଙ୍କୁ ଶିକ୍ଷା ସହିତ ଆତ୍ମରକ୍ଷାର ତାଲିମ୍ ପ୍ରଦାନ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଡାଲିନ୍ ଡାଲ୍‌ଟନ, ଭାରତୀ ପ୍ରଧାନ, ଆଶୁତୋଷ ନାୟକ, ସୁଚିତ୍ର ବେହେରା ଓ ରାଜେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

■ ୮ମ ରୁରାଲ କଲ୍‌ଚରାଲ ମିଟ୍ ଉଦ୍‌ଯାପିତ

## ପ୍ରତିଯୋଗିତା ପ୍ରତିଭା ପ୍ରଦର୍ଶନର ଏକ ସୁଯୋଗ




କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କ ସହ ମଞ୍ଚାସୀନ ଅତିଥିମାନେ।

**ତାଳଚେର,୨୬।୧୧(ନି.ପ୍ର.)**

ଏନ୍‌ଟିପିସି କଣିହାଁ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ୮ମ ରୁରାଲ କଲ୍‌ଚରାଲ ମିଟ୍ ରବିବାର ରିକ୍ରେସନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ୭୪ଜଣ ଶିକ୍ଷକଙ୍କ ନେତୃତ୍ୱରେ ୩୭ ଗୋଟି ସ୍କୁଲର ୫୦୫ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଏନ୍‌ଟିପିସି ମହାପ୍ରବନ୍ଧକ ସନ୍ତୋଷ ଜେମ୍‌ସ ଓ ତନଭି ସଙ୍ଗମ ସଭାପତି ବିନି ଜେମ୍‌ସ ଏହାକୁ ଉଦ୍‌ଘାଟନ କରିଥିଲେ। ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏଭଳି ପ୍ରତିଯୋଗିତା ଗ୍ରାମାଞ୍ଚଳ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଏକ ସୁଯୋଗ ସୃଷ୍ଟି କରିଥାଏ ବୋଲି ମହାପ୍ରବନ୍ଧକ ଜେମ୍‌ସ ପ୍ରକାଶ କରିଥିଲେ। ଜେନେରାଲ ମ୍ୟାନେଜର କରୁଣାକର ଦାସ, ନବୀନ ବାଗି, ଏଜିଏମ୍ କେ.ଏସ. ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସିନିୟରରେ ଡେରଙ୍ଗ ସରକାରୀ ହାଇସ୍କୁଲ, ଜୁନିୟର ଗ୍ରୁପ୍‌ରେ ଗଣ୍ଡବେରଣା ପ୍ରାଇମେରୀ ସ୍କୁଲ ଓ ସବ୍ ଜୁନିୟର ଗ୍ରୁପ୍‌ରେ ବିଜିଗୋଳ ନୋଡାଲ ଅପର ପ୍ରାଇମେରୀ ସ୍କୁଲ ପ୍ରଥମ ହୋଇଥିଲେ। ଶୁଭଶ୍ରୀ ପ୍ରଧାନ ଓ ରାଜଲକ୍ଷ୍ମୀ ବଳବନ୍ତ ରାୟ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜେନେରାଲ ମ୍ୟାନେଜର ଏନ. ଆଚାର୍ଯ୍ୟ, ଏଜିଏମ୍ ପିଏମ୍‌ଜିଭି ଶ୍ରୀନିବାସ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଅଧିକାରୀ, ତନ୍‌ଭିସଙ୍ଗମର ସଦସ୍ୟାଗଣ, ୟୁନିୟନ ପ୍ରତିନିଧିଗଣ, ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ଯୋଗ ଦେଇଥିଲେ।

# ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା

ଛେଣ୍ଡିପଦା,୨୬।୧୧(ସ୍ୱ.ପ୍ର)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କୋଶଳା ମଣ୍ଡଳ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। କର୍ମକର୍ତ୍ତାମାନେ ନତଡା, ପରଙ୍ଗ, ନିଶା, କଙ୍କରାଇ, ରାଇଝରଣ, ଟେଣ୍ଟୁଲୋଇ, କୋଡାସାହି, କୁଶକିଲା, କୁକୁରପେଟା, ବରପଦା, କୋଶଳା ପଞ୍ଚାୟତରେ ପଦଯାତ୍ରା କରିଥିଲେ। ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ସନ୍ତୋଷ ନାଏକ ପ୍ରମୁଖ ସାମିଲ ହୋଇଥିଲେ।




# ରାଜପଥରେ ପାର୍କିଂ, ହାଟ

ଛେଣ୍ଡିପଦା,୨୬।୧୧
(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମା ଛେଣ୍ଡିପଦା ଥାନା ଦେଇ ଯାଇଥିବା ୬୩ ନମ୍ବର ରାଜ୍ୟ ରାଜପଥ ଏବେ ହାଟ ଓ ପାର୍କିଂ ସ୍ଥଳ ପାଲଟିଛି। ନିକଟରେ ପ୍ରାଥମିକ ସ୍କୁଲ, ହାଇସ୍କୁଲ, ମେଡିକାଲ ସାଙ୍ଗକୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିଲେ ହେଁ ଏଠାକୁ ଆସୁଥିବା ଲୋକଙ୍କ ଯାନବାହନ ପାର୍କିଂ ତଥା ବସ୍ ରହଣି ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇ ନ ଥିବାରୁ ବ୍ୟାପକ ଟ୍ରାଫିକ ସମସ୍ୟା ଉପୁଜୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଉକ୍ତ ସ୍ଥାନଟି ବ୍ଲକର ଏକ ପ୍ରମୁଖ ସ୍ଥାନ। ହେଲେ ସେଠାରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାବେଳେ ପାର୍କିଂର ମଧ୍ୟ ସୁବିଧା ନାହିଁ। ବିଶେଷ କରି ଛେଣ୍ଡିପଦା ଥାନା ଛକଠାରେ ଏହି ଅସୁବିଧା ଦେଖାଦେଉଛି। ଫଳରେ ଲୋକେ ରାଜପଥରେ ଗାଡି ରଖୁଛନ୍ତି। ସେହିପରି ରାସ୍ତା ଉପରେ ଦୈନିକ ବଜାର ସାଙ୍ଗକୁ ସାପ୍ତାହିକ ହାଟ ମଧ୍ୟ ବସୁଛି। ଫଳରେ ରାସ୍ତା ଜାମ୍ ହୋଇଯାଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିଯୋଗୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଅନ୍ୟପକ୍ଷରେ ମେଡିକାଲ ରାସ୍ତାପାର୍ଶ୍ୱରେ ଏକ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ନିର୍ମାଣ କରାଯାଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସେଠାରେ ପାର୍କିଂ ସ୍ଥାନ, ସ୍ଥାୟୀ ବସ୍‌ଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ, ପରିସ୍ରାଗାର, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି।




